# ଗ୍ରାମୀଣ କୃଷି ମୌସମ ସେବା


ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)



ପତ୍ରିକା ସଂଖ୍ୟା-୨୮/୨୪


**ଜିଲ୍ଲା-ଭଦ୍ରକ** ତା.୦୫.୦୪.୨୦୨୪

ପାଣିପାଗ ପୂର୍ବାନୁମାନ (ତା. ୧୦.୦୪.୨୦୨୪ ପର୍ଯ୍ୟନ୍ତ )- ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ,ଜିଲ୍ଲାରେ ପ୍ରଥମ ୩ ଦିନ ଶୁଖିଲା ପାଗ ହେବ ସହ ଶେଷ ୨ ଦିନ ଅତି ହାଲୁକା ବର୍ଷା ହେବା ସହ ଆକାଶ ମେଘୁଆ ରହିବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୦୯ -୧୪ କିଲୋମିଟର ମଧରେ ରହିବ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୭-୩୯ ଓ ସର୍ବନିମ୍ନ ତାପମାତ୍ରା ୨୪-୨୭ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି ।

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 10-04-2024 | 0 | 37 | 24 | 4 | 54 | 21 | 14 | 248 |
| | 11-04-2024 | 0 | 38 | 25 | 3 | 48 | 27 | 8 | 117 |
| | 12-04-2024 | 0 | 38 | 26 | 4 | 53 | 27 | 9 | 261 |
| | 13-04-2024 | 2 | 39 | 26 | 3 | 80 | 30 | 12 | 245 |
| | 14-04-2024 | 2 | 39 | 27 | 2 | 63 | 20 | 13 | 207 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

**ସାଧାରଣ ଉପଦେଶ**

- ଭାରତ ପାଣିପାଗ ବିଜ୍ଞାନ ବିଭାଗ , ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ପାଞ୍ଚ ଦିନ ପାଗ ମୁଖ୍ୟତ ଶୁଖିଲା ସହ ହାଲୁକା ବର୍ଷାର ସମ୍ଭାବନା ଅଛି , ଚାଷୀମାନେ ଅଧିକ ଲାଭ ପାଇବା ପାଇଁ ଆବଶ୍ୟକତା ଅନୁସାରେ ଫସଲରେ ଜଳସେଚନ କରନ୍ତୁ। ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ପାଇଁ ଏବଂ ବାଷ୍ପୀକରଣ କ୍ଷତିରୁ ଦୂରେଇ ରହିବା ପାଇଁ ମଲଚିଂ ଅଭ୍ୟାସ ଅନୁସରଣ କରାଯିବା ଉଚିତ |
- ବର୍ତ୍ତମାନ ପୋକ ଏବଂ ରୋଗ ଲାଗିବାର ସମ୍ଭାବନା ଅଛି, ତେଣୁ କୃଷକମାନେ ନିୟମିତ ଭାବେ କ୍ଷେତର ତଦାରଖ କରନ୍ତୁ । କୃଷକମାନେ ଜଳବନ୍ଦୀ ଅବସ୍ଥାରେ ସାର ପ୍ରୟୋଗ କରନ୍ତୁ ଏବଂ କୀଟନାଶକ ପ୍ରୟୋଗ କାର୍ଯ୍ୟ ଜାରି ରଖନ୍ତୁ ।
- ପଶୁମାନଙ୍କର ମୁକ୍ତ ଚାରଣ କୁ ବାରଣ କରି ଗୁହାଳରେ ରଖି ତୋରାଣି ଏବଂ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ।
- ପରାଗ ସଂଗମ କୁ ତ୍ବରାନ୍ୱିତ କରିବା ପାଇଁ ୨୦% ବୋରୋନ ଅଣୁସାରକୁ ଏକର ପ୍ରତି ୩୦୦ଗ୍ରାମ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

| ଫସଲର ନାମ | ଫସଲର ଅବସ୍ଥା | ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଖରାଟିଆ ଧାନ | କେଣ୍ଡା ବାହାରିବା/ ଫୁଲଧରିବା ଅବସ୍ତା | • ଧାନର ପ୍ରମୁଖ ପର୍ଯ୍ୟାୟ ଯଥା କେଣ୍ଡା ବାହାରିବ /ଫୁଲ ଅବସ୍ଥାରେ ଆବଶ୍ୟକୀୟ ଜଳସ୍ତର ବଜାୟ ରଖନ୍ତୁ \|<br>• ଯଦି ଫସଲରେ କେଣ୍ଡା ବାହାରିବ ଆରମ୍ଭ ହେବାର ଦେଖାଯାଏ ଏକର ପ୍ରତି ୩୫ kg urea ଏବଂ ୧୦ kg MOP କୁ କ୍ଷେତରେ ପ୍ରୟୋଗ କରନ୍ତୁ।<br>• ଧାନ ଫସଲରେ ହଳଦିଆ କାଣ୍ଡ ବିନ୍ଧା ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇଛି।ଏହାର ନିରାକରଣ ପାଇଁ ଏକର ପ୍ରତି ୪ କେଜି Rynaxypyr ୦.୪ G ଅଥବା ୮ kg Fipronil ୦.୩ G କିମ୍ବା ଫ୍ଲୁବେଣ୍ଡିଆମାଇଡ 0.7 G 5 KG/ଏକର କୁ କ୍ଷେତରେ ପାଣିବାନ୍ଧି (୨-୩ ସେଣ୍ଟିମିଟର ପାଣିରଖି) ପ୍ରୟୋଗ କରନ୍ତୁ।<br>• ଧାନ ମହିଷା ରୋଗ ନିୟନ୍ତ୍ରଣ ପାଇଁ (ଟେବୁକୋନାଜୋଲ 50%+ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ 25% ଡବ୍ଲ୍ୟୁଜି)@ 80 ଗ୍ରାମ୍/ଏକରରେ ପ୍ରୟୋଗ କରନ୍ତୁ। |

| | | |
|---|---|---|
| **ମୁଗ** | **ଫଳ ଅବସ୍ଥା** | ❖ ଖରାଟିଆ ମୁଗ ଫସଲରେ ଛୁଇଁ ବିନ୍ଧା ର ପରିଚାଳନା ପାଇଁ ଏକର ପିଛା ଏମାମେକ୍ଟିନ୍ ବେନଜୋଏଟ୍ @ 80g କିମ୍ବା ପ୍ରୋଫେନୋଫୋସ୍ @ 400 ମିଲି ସ୍ପ୍ରେ କରନ୍ତୁ। |
| **ସୁର୍ଯ୍ଯମୁଖୀ** | **ଫୁଲ ଅବସ୍ଥା/ପାକଳ ଅବସ୍ଥା** | ❖ ଯଦି ସୁର୍ଯ୍ଯମୁଖୀ ଫୁଲ ପରିପକ୍ୱ ହୁଏ ଅମଳ କରନ୍ତୁ ଏବଂ ସୂର୍ଯ୍ୟକିରଣ ତଳେ ଶୁଖାନ୍ତୁ \|<br>❖ ଯଦି ଫସଲ ବିହନ ଭରିବା ପର୍ଯ୍ୟାୟରେ ଅଛି , ତେବେ ଚିଆ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗୋଷ୍ଠୀ ଭିତ୍ତିକ ଉଦ୍ୟମ ଗ୍ରହଣ କରନ୍ତୁ \| |
| **ଆଖୁ** | **ଫୁଲ ଅବସ୍ଥା** | ଯେହେତୁ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଛି **ଆଖୁ** ଫସଲକୁ ଉପଯୁକ୍ତ ସମୟ ବ୍ୟବଧାନରେ ଜଳସେଚନ ଦିଆଯିବା ଉଚିତ୍ \| ବିକଳ୍ପ ଧାଡିଗୁଡିକୁ ଜଳସେଚନ କରନ୍ତୁ ଏବଂ ଆଖୁ ଆବର୍ଜନାକୁ ମଲଚିଂ ଭାବରେ ପ୍ରୟୋଗ କରନ୍ତୁ \|ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| **ପନିପରିବା** | **ଫୁଲ ଏବଂ ଫଳ ଅବସ୍ଥା** | ❖ **ବାଇଗଣ,ଭେଣ୍ଡି** ଏବଂ **ଟମାଟ** ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।<br>❖ **ବାଇଗଣ ଓ ଟମାଟ** ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ । |
| **ଆମ୍ବ** | **ବଉଳ ଅବସ୍ଥା** | ❖ ଆମ୍ବ ଡାହାଣୀ ଓ ଦହିଆ ପୋକ ଦେଖାଗଲେ Thiamethoxam ୦.୪ ଗ୍ରା/ଲିଟର କିମ୍ବା Lambda Cyahalothrin 4.9 CS @1.25 ମିଲି /ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ପଶୁପାଳନ** | | ଗରମ ଏବଂ ଆର୍ଦ୍ର ପାଣିପାଗ ଅବସ୍ଥାରେ ଗୋରୁ ଓ ଛେଳି ଙ୍କୁ ଛାଇ ସ୍ଥାନରେ ରଖ ନ୍ତୁ ଏବଂ ସେମାନଙ୍କୁ ଥଣ୍ଡା, ନିର୍ମଳ ଏବଂ ଶୁଦ୍ଧ ଜଳ ଯୋଗାନ୍ତୁ \| |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)